# NATIONAL NEWS BULLETIN (ODIA)

**21 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱର ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସ ଗୁଡ଼ିକରେ ଆଜି ପ୍ରଥମଥର ପାଇଁ ପାଳିତ ହେଉଛି ବିଶ୍ୱ ଧ୍ୟାନ ଦିବସ ।

- ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ଦୁଇଦିନିଆ କୁଏତ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ।

- ରାଜସ୍ଥାନର ଜୟପୁରଠାରେ ଘଟିଥିବା ମର୍ମନ୍ତୁଦ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ।

- ମେଲେରିଆ ଏବଂ ତତ୍ ସମ୍ପର୍କିତ ରୋଗର ମୃତ୍ୟୁହାର ହ୍ରାସ କରିବା ଦିଗରେ ସଫଳତା ହାସଲ କରୁଛି ଭାରତ - କହିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।

ଏବଂ

- ରାଜସ୍ଥାନର ଜୈସେଲମେରଠାରେ ଅନୁଷ୍ଠିତ ହେଉଛି ୫୫ତମ ଜିଏସ୍‌ଟି ପରିଷଦ ବୈଠକ ।

---

# ମେଡିଟେସନ ଡେ-ଓ୍ୱାର୍ଲ୍ଡଓ୍ୱାଇଡ୍

ବିଶ୍ୱର ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସ ଗୁଡ଼ିକରେ ଆଜି ପ୍ରଥମଥର ପାଇଁ ବିଶ୍ୱ ଧ୍ୟାନ ଦିବସ ପାଳିତ ହେଉଛି । ଏହି ଦିବସର ଉଦ୍ଦେଶ୍ୟ ହେଉଛି । ବିଶ୍ୱରେ ସୁସ୍ଥତା, ଶାନ୍ତି ଏବଂ ଉତ୍ତମ ମାନସିକତାକୁ ପ୍ରୋତ୍ସାହିତ କରିବା । ଜାତିସଂଘରେ ଆଜି ଏହି ଦିବସ ଅବସରରେ ଭାରତର ମିଳିତ ପ୍ରୟାସରେ ବିଶ୍ୱଶାନ୍ତି ଓ ଐକ୍ୟ ନିମନ୍ତେ ଧ୍ୟାନ ଶୀର୍ଷକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ, ଭାରତର ପାରମ୍ପରିକ ଧ୍ୟାନ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରିବା ସହ ଏହାକୁ ଅନ୍ତଃମନର ଶାନ୍ତି ପ୍ରାପ୍ତି ଦିଗରେ ଏକ ପ୍ରମୁଖ ଅସ୍ତ୍ର ବୋଲି କହିଛନ୍ତି ।

ଭିଏଣ୍ଟିଆନେରେ ଲାଓସସ୍ଥିତ ଭାରତୀୟ ଦୂତାବାସ ଏହି ଦିବସ ଅବସରରେ ଆର୍ଟ ଅଫ୍ ଲିଭିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଭାରତୀୟ ରାଷ୍ଟ୍ରଦୂତ ପ୍ରଶାନ୍ତ ଅଗ୍ରୱାଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ଶାନ୍ତି, ଐକ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଲାଗି ଧ୍ୟାନ ଆପଣେଇବାକୁ ପରାମର୍ଶ ଦେଇଛନ୍ତି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ଧ୍ୟାନ ଅଧିବେଶନ ଆୟୋଜନ କରାଯାଇଥିଲା । ଏକସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାତିସଂଘ ପକ୍ଷରୁ ଡିସେମ୍ବର ୨୧କୁ ବିଶ୍ୱ ଧ୍ୟାନ ଦିବସ ଭାବେ ପାଳନ କରିବା ଲାଗି ହୋଇଥିବା ନିଷ୍ପତ୍ତିରେ ଭାରତର ଭୂମିକା ସମ୍ପର୍କରେ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି ।

ଜାତିସଂଘରେ ନେପାଳ ମିଶନ ପକ୍ଷରୁ ଏହି ଦିବସକୁ ଅତ୍ୟନ୍ତ ଆଗ୍ରହ ସହକାରେ ପାଳନ କରାଯାଉଛି । ନେପାଳର ଆଧ୍ୟାତ୍ମିକ

ଐତିହ୍ୟରେ ଧ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମାଜିକ ଗଣମାଧ୍ୟମ ଏକ୍ସରେ ମିଶନ ପକ୍ଷରୁ କୁହାଯାଇଛି ଅନେକ ସାଧୁ, ସନ୍ଥ ସତ୍ୟର ଅନୁସନ୍ଧାନ ନିମନ୍ତେ ନେପାଳ ଯାତ୍ରା କରିଛନ୍ତି । ଜାତିସଂଘରେ ନେପାଳର ସ୍ଥାୟୀ ପ୍ରତିନିଧି ଲୋକ ଥାପ୍ପା କହିଛନ୍ତି ନେପାଳର ଆଧ୍ୟାତ୍ମିକ ଶକ୍ତି ଐକ୍ୟ ସ୍ଥାପନ କ୍ଷେତ୍ରରେ ଧ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ସେହିପରି ସାଓ ପାଓଲରେ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ ଭାରତୀୟ ଦୂତାବାସ ପକ୍ଷରୁ ଆର୍ଟ ଅଫ୍ ଲିଭିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜୋହାନ୍ସବର୍ଗରେ ଭାରତୀୟ ଦୂତାବାସ ପକ୍ଷରୁ ନିମନ୍ତ୍ରିତ ଲୋକମାନଙ୍କୁ ଏକ ଧ୍ୟାନ ଅଧିବେଶନରେ ସାମିଲ କରାଯାଇଥିଲା । ହଂକଂରେ ମଧ୍ୟ ଭାରତୀୟ କନ୍‌ସୁଲେଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡିଛି ।

ଶ୍ରୀଲଙ୍କାର କଲମ୍ବୋସ୍ଥିତ ମୟୂରପାଥି ଧ୍ୟାନ କେନ୍ଦ୍ରରେ ବିଶ୍ୱ ଧ୍ୟାନ ଦିବସ ଭାରତୀୟ ଦୂତାବାସ ସହଯୋଗରେ ପାଳିତ ହୋଇଛି । ଭାରତୀୟ ଉଚ୍ଚାୟୁକ୍ତ ଆଜି ସକାଳେ ଏକ ଧ୍ୟାନ ଶିବିରର ଆୟୋଜନ କରିଥିବା ଜଣାପଡିଛି । ଭୁଟାନରେ ମଧ୍ୟ ଭାରତୀୟ କନ୍‌ସୁଲେଟ ଏବଂ ଆର୍ଜେଣ୍ଟିନାରେ ଭାରତୀୟ ଦୂତାବାସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଛି ।

# ପିଏମ୍-ୱାର୍ଲ୍ଡ ମେଡିଟେସନ ଡେ

ବିଶ୍ୱ ଧ୍ୟାନ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ନିଜ ଜୀବନରେ ଧ୍ୟାନକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଧ୍ୟାନ ବ୍ୟକ୍ତି ଏବଂ ସମାଜକୁ ଜୀବନରେ ଶାନ୍ତି ଓ ସୁସ୍ଥତା ଆଣିବା କ୍ଷେତ୍ରରେ ଏକ ମାଧ୍ୟମ ପାଲଟିଥାଏ । ସେ କହିଛନ୍ତି ବର୍ତ୍ତମାନ ଆଧୁନିକ ଯୁଗରେ ବିଭିନ୍ନ ଆପ୍ ଏବଂ ଭିଡ଼ିଓ ଜରିଆରେ ଧ୍ୟାନ କରିବା ସହାୟକ ହୋଇପାରିବ ।

# ପିଏମ୍-କୁଏତ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଦୁଇଦିନିଆ କୁଏତ ଗସ୍ତରେ ଯାଇଛନ୍ତି । କୁଏତର **ଅମୀର ଶେଖ୍ ମେଶାଲ ଅଲ୍ ଅହମ୍ମଦ ଅଲ୍ ଜାବେର ଅଲ୍ ସବାହା**ଙ୍କ ନିମନ୍ତ୍ରଣ ରକ୍ଷାକରି ଶ୍ରୀ ମୋଦୀ କୁଏତ ଗସ୍ତ କରିଛନ୍ତି । ୪୩ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଏହି ଦେଶ ଗସ୍ତ କରିଛନ୍ତି। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ କୁଏତର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଭାରତ ଓ କୁଏତ ମଧ୍ୟରେ ବହୁପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।  ଭାରତ ଓ କୁଏତ୍ ମଧ୍ୟରେ ବହୁବର୍ଷ ଧରି ରହିଆସିଥିବା ଐତିହାସିକ ଓ ସଶକ୍ତ

ଅର୍ଥନୈତିକ ସମ୍ପର୍କ ସହିତ ଏକ ଭବ୍ୟ ସାଂସ୍କୃତିକ ସମ୍ପର୍କ ମଧ୍ୟ ରହି ଆସିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ସହିତ ମଧ୍ୟ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରଣାଳୟ କହିଛି । ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଜାତିସଂଘର ସାଧାରଣ ଅଧିବେଶନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୁଏତର ପ୍ରିନ୍ସଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ ।  ଭାରତ ଓ କୁଏତ ମଧ୍ୟରେ ପାରମ୍ପରିକ ତଥା ଐତିହାସିକ ସଂପର୍କ ରହିଆସିଛି। କୁଏତର ଶ୍ରେଷ୍ଠ ବ୍ୟବସାୟିକ ଭାଗିଦାରୀଙ୍କ ମଧ୍ୟରେ ଭାରତ ଅନ୍ୟତମ ବୋଲି ମନ୍ତ୍ରଣାଳୟ କହିଛି ।

କୁଏତର ନେତୃତ୍ୱକୁ ନେଇ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହାଛଡା ଶ୍ରୀ ମୋଦୀଙ୍କୁ ଆରବ ଗଲ୍ଫ ଅଞ୍ଚଳର ପୁରୁଣା କ୍ରୀଡ଼ା କ୍ଲବର ଉଦ୍‌ଘାଟନୀ ସମାରୋହରେ ଭାଗନେବାକୁ ନିମନ୍ତ୍ରଣ କରାଯାଇଛି । ଏହି କ୍ରୀଡ଼ାରେ ଅତିଥି ରୂପେ ତାଙ୍କୁ ଚୟନ କରାଯାଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଗସ୍ତ ଦ୍ୱାରା ଭାରତ ଓ କୁଏତ ମଧ୍ୟରେ ବନ୍ଧୁତ୍ୱପୁର୍ଣ୍ଣ ଭାବ ଅଧିକ ସୁଦୃଢ଼ ହେବ ।

# ଜୟପୁର-ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରଠାରେ ଗତକାଲି ଘଟିଥିବା ମର୍ମନ୍ତୁଦ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ସେଠାକାର ଏସ୍.ଏମ୍.ଏସ୍ ହସ୍ପିଟାଲରେ ହନ୍ୟ ୨୭ଜଣ ଆହତଙ୍କୁ ଚିକିତ୍ସା କରାଯାଉଛି । ସଂପୃକ୍ତ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ସୁଶୀଲ ଭଟ୍ଟି କହିଛନ୍ତି ୬ଜଣ ଅଧିକ ଗୁରୁତରଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଛି । ଏହି ଘଟଣାର ତଦନ୍ତ ଲାଗି ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରାଯାଇଥିବା ନେଇ ଜୟପୁର ଜିଲ୍ଲାପାଳ ଜିତେନ୍ଦ୍ର କୁମାର ସୋନି କହିଛନ୍ତି । କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ଓ ଏଥିପାଇଁ କେଉଁମାନେ ଦାୟୀ ସେ ସମ୍ପର୍କରେ ତଦନ୍ତକାରୀ ଦଳକୁ ବିସ୍ତୃତ ରିପୋର୍ଟ ଦେବାଲାଗି କୁହାଯାଇଛି ।

ଗତକାଲି ସକାଳେ ଜୟପୁର-ଆଜମେର ଜାତୀୟ ରାଜପଥ ଭଙ୍କ୍ରୋଟା ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାର ତୀବ୍ରତା ଏତେ ଥିଲା ଯେ ନିକଟରେ ଥିବା ୪୦ଟି ଯାନ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା । ଦୁର୍ଘଟଣାସ୍ଥଳ ନିକଟରେ ଥିବା ଏକ ପାଇପ୍ ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା । ଦୁର୍ଘଟଣାସ୍ଥଳରେ ଏଲ୍.ପି.ଜି ଗ୍ୟାସ୍ ବହୁମାତ୍ରାରେ ଥିବାରୁ ଉଦ୍ଧାରକାରୀ ଦଳଙ୍କୁ ଉଦ୍ଧାର କାର୍ଯ୍ୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲ । ଦୁର୍ଘଟଣା ପରେ ଗତକାଲି ସେଠାରେ ସମ୍ପୂର୍ଣ୍ଣଭାବେ ବିଦ୍ୟୁତ୍ କାଟ କରାଯାଇଥିଲା ।

# ହୁ-ଇଣ୍ଡିଆ ମେଲେରିଆ

ମେଲେରିଆ ଏବଂ ତତ୍ ସମ୍ପର୍କିତ ରୋଗର ମୃତ୍ୟୁହାର ହ୍ରାସ କରିବା ଦିଗରେ ଭାରତ ସଫଳତା ହାସଲ କରୁଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି । ସଂଗଠନ ଦ୍ୱାରା ପ୍ରକାଶିତ ଚଳିତବର୍ଷର ବିଶ୍ୱ ମେଲେରିଆ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି । ମ୍ୟାଲେରିଆର ନିରାକରଣ ଏବଂ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଚଳିତ ସପ୍ତାହରେ ଲଣ୍ଡନ ସଂସଦ ଭବନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଏହାର ସହଭାଗୀ ଅନୁଷ୍ଠାନ ଗୁଡ଼ିକ ଆଲୋଚନା କରିଥିବା ଜଣାପଡିଛି । ଆଲୋଚନାକାଳରେ ଭାରତରେ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଏହି ବୈଠକରେ ଅଂଶୀଦାରମାନେ ଭାରତର ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ମୁଖ୍ୟତଃ ମହିଳାମାନଙ୍କ ଅବଦାନକୁ ପ୍ରଶଂସା କରରାଯାଇଛି । ସଂପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଦେଶର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଦିଗରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରୁଛନ୍ତି ।

ରିପୋର୍ଟ ଅନୁଯାୟୀ ଭାରତରେ ୨୦୧୭ରେ ୬୪ଲକ୍ଷ ମ୍ୟାଲେରିଆ ରୋଗୀ ଥିବାବେଳେ ୨୦୨୩ରେ ଏହା ୨୦ଲକ୍ଷକୁ ହ୍ରାସ ପାଇଛି । ସେହିଭଳି ବିଗତ ୬ ବର୍ଷରେ ମ୍ୟାଲେରିଆ ଜନିତ ମୃତ୍ୟୁସଂଖ୍ୟା ୬୮ ପ୍ରତିଶତ ହ୍ରାସ ପାଇ ୧୧ହଜାର ୧୦୦ରୁ ୩ହଜାର ୫୦୦ରେ ପହଞ୍ଚିଛି । ସୂଚନା ଅନୁଯାୟୀ ଆଫ୍ରିକାରେ ବିଶ୍ୱର ୯୫ ପ୍ରତିଶତ ମେଲେରିଆ ଜନିତ ମୃତ୍ୟୁ ଘଟିଥାଏ ।

## ଜିଏସ୍‌ଟି ବୈଠକ

ରାଜସ୍ଥାନର ଜୈସେଲମେରଠାରେ ଆଜି ୫୫ତମ ଜିଏସଟି ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଦ୍ରବ୍ୟ ଓ ସେବାକର ଟିକସ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେଉଥିବା ସୂଚନା ମିଳିଛି । ଆମ ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଖାଦ୍ୟ ଯୋଗାଣ, ସେବା ଓ ସ୍ୱାସ୍ଥ୍ୟବୀମା ସହିତ ଜିଏସଟି ହାରରେ କେତେକ ସମ୍ଭାବ୍ୟ ପରିବର୍ତ୍ତନ ହୋଇପାରେ ।

ବୈଠକ ପରେ ଅର୍ଥମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଜୈସେଲମେର୍‌ରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଯୋଗ ଦେଇଛନ୍ତି ।

## ଆଇଏମ୍‌ଏଫ୍‌-ପନିସମେଣ୍ଟ

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ସ୍ପେନ୍‌ର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ରୋଡ୍ରିଗୋ ରାଟୋଙ୍କୁ ସ୍ପେନ୍‌ର ଏକ ନ୍ୟାୟାଳୟ ୪ବର୍ଷ ୯ ମାସ ଦଣ୍ଡାଦେଶ କରିଛନ୍ତି । ୭୫ବର୍ଷୀୟ ରାଟୋ ଟ୍ୟାକ୍ସ ଠକେଇ, ଅବୈଧ ଅର୍ଥ କାରବାର ଏବଂ ଅନ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଯାଞ୍ଚ ସମୟରେ ରାଟୋ ବାହାମା, ସ୍ୱିଜରଲ୍ୟାଣ୍ଡ,

ମୋନାକୋ, ଲକ୍‌ଜମ୍ବର ଏବଂ ବ୍ରିଟେନରେ ଥିବା ତାଙ୍କର ଦେଢ଼କୋଟି ୟୁରୋରୁ ଅଧିକ ଅର୍ଥ ଏବଂ ସମ୍ପତ୍ତିର ତଥ୍ୟ ଦେଇନଥିବା ଅଭିଯୋଗ ହୋଇଛି । ଅଦାଲତ କହିଛନ୍ତି ୨୦୧୨ ମସିହାରେ ରାଟୋ ଆୟକର କ୍ଷମା ଯୋଜନାର ଲାଭ ଉଠାଇବା ସହ ନିଜ କମ୍ପାନୀ ବିଷୟରେ କୌଣସି ତଥ୍ୟ ଦେଇନଥିଲେ । ଅନ୍ୟପକ୍ଷରେ ୨୦୧୭ରେ ରାଟୋଙ୍କୁ କର୍ପୋରେଟ କ୍ରେଡିଟ କାର୍ଡ ବ୍ୟବହାର ମାମଲାରେ ସାଢ଼େ ୪ ବର୍ଷ ଦଣ୍ଡବିଧାନ କରାଯାଇଥିଲା । ସେହି ମାମଲାରେ ସେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଜେଲ୍‌ରେ ରହିଥିଲେ । ସୂଚନାଯୋଗ୍ୟ ଶ୍ରୀ ରାଟୋ ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ ସ୍ପେନ୍‌ର ଉପପ୍ରଧାନମନ୍ତ୍ରୀ ଥିଲେ ।

## ପିଏମ୍-ରଣ ଉତ୍ସବ

ଗୁଜୁରାଟ କଚ୍ଛ୍‌ର ଧୋରଡୋରେ ଆୟୋଜିତ ରଣ ଉତ୍ସବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଏହି ଉତ୍ସବ କଚ୍ଛ୍‌ର ପରମ୍ପରା ଓ ସଂସ୍କୃତିର ପ୍ରତୀକ ଅଟେ । ଯାହା ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେ କହିଛନ୍ତି ଏହି ଉତ୍ସବ ଅନନ୍ୟ ଶିଳ୍ପବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଖାଦ୍ୟପେୟ ପରମ୍ପରା ଯୋଗୁଁ ଆଗନ୍ତୁକ ମାନଙ୍କୁ ଅଭୂତପୂର୍ବ ଆନନ୍ଦ ଦେଇଥାଏ । ନିଜ ଜୀବନକାଳରେ

ଅତିକମ୍‌ରେ ଗୋଟିଏଥର ରଣ ଉତ୍ସବରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶାହା-ଅଗରତାଲା

ଉତ୍ତର-ପୂର୍ବ ପରିଷଦର ୭୨ତମ ପୂର୍ଣ୍ଣାଙ୍ଗ ବୈଠକ ଆଜି ତ୍ରିପୁରାର ଅଗରତାଲାଠାରେ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ପ୍ରମୁଖ ଯୋଗଦେବେ । ଅଗରତାଲାଠାରେ ଗତ ସନ୍ଧ୍ୟାରେ ଶ୍ରୀ ସିନ୍ଧିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ନୂତନ ରୂପରେଖ ପ୍ରସ୍ତୁତ କରିବାକୁ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବ । ଗତ ଏକବର୍ଷ ମଧ୍ୟରେ ପରିଷଦ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯିବା ସହ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ରହିଥିବା ଆହ୍ୱାନ ଓ ସମ୍ଭାବନା ଉପରେ ଆଲୋଚନା କରାଯିବ । ସେହି ରାଜ୍ୟଗୁଡ଼ିକରେ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ବୈଠକରେ ସମସ୍ତ ଉତ୍ତର-

ପୂର୍ବ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।